# Akashvani, Sambalpur

# SAMBALPURI NEWS BULLETIN

## 17 March 2025- 6.47- 6.52 am.

**********************************************

କେନ୍ଦ୍ର ଗୃହମନ୍ତ୍ରୀ -ଓଡ଼ିଶା      ସମ୍ବଲପୁର୍ ସମ୍ବାଦଦାତା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଏବା ଶୁକ୍ରବାର୍ ଦିନ ୩ ଦିନିଆ ଓଡ଼ିଶା ଗସ୍ତଥି ଆସୁଛନ୍ । ୨୧ ତାରିଖ୍ ଦିନ ବେଲ୍‌ବୁଡ଼େ ଶ୍ରୀ ଶାହା ଝାର୍‌ସୁଗୁଡ଼ା ବିମାନ୍ ବନ୍ଦର୍ ନ ପୁହୁଁଚିବାର୍ ଉତ୍‌ରୁ ୨୨ ତାରିଖ୍ ଦିନ ସଖାଲେ ସମ୍ବଲ୍‌ପୁର୍ ନ ମା ସମଲେଶ୍ୱରୀଙ୍କର୍ ଦର୍ଶନ୍ କର୍‌ବେ । ଇତାର୍‌ଉତ୍‌ରୁ ଶ୍ରୀ ଶାହା ପିଏଚ୍‌ଡି ପଡ଼ିଆଠାନେ ଜିଲ୍ଲାର୍ ଭିନ୍ ଭିନ୍ ଉନ୍ନୟନ୍‌ମୂଲକ୍ କାମ୍‌ର ଶିଲାନ୍ୟାସ୍ ଆର୍ ଉଦ୍‌ଘାଟନ୍ କର୍‌ବେ ଆଉ ଗୁଟେ ସାଧାରଣ୍ ସଭାଥି ଭିଲ୍ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ସେହିଦିନ ବେଲ୍‌ବୁଡ଼େ ଶ୍ରୀ ଶାହା ପୁରୀ ଯାଇକରି ୨୩ ତାରିଖ୍ ଦିନ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କର୍ ଦର୍ଶନ୍ କର୍‌ବେ । ତାର୍‌ପରେ ଜଟଣୀ ନ ଦେଶର୍ ୨ ନମ୍ବର୍ ଫରେନ୍‌ସିକ୍ ବିଶ୍ୱବିଦ୍ୟାଳୟର୍ ଶିଲାନ୍ୟାସ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଶ୍ରୀ ଶାହାଙ୍କର୍ ଗସ୍ତର୍ ଲାଗି ସମ୍ବଲ୍‌ପୁର୍ ନ ଦଲୀୟ ପଦାଧିକାରୀମାନ୍‌କର୍ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ ।

ଫିଟ୍ ଇଣ୍ଡିଆ କାର୍ନିଭାଲ          ଏନ୍‌ଏସ୍‌ଡ଼ି

କେନ୍ଦ୍ର ସର୍‌କାର୍ ଖେଲ୍‌କେ ସଂସ୍କୃତି ଆଉ ଜୀବନ୍‌ଶୈଲୀର୍ ଗୁଟେ ଅଭିନ୍ନ ଅଂଶ ଭାବେ ସାମିଲ୍ କର୍‌ବାର୍ ଲାଗି ଲକ୍ଷ୍ୟ ରଖିଛନ୍ ବଲି କେନ୍ଦ୍ର ଯୁବବ୍ୟାପାର୍ ଆଉ କ୍ରୀଡ଼ାମନ୍ତ୍ରୀ ଡକ୍ଟର୍ ମନସୁଖ୍ ମାଣ୍ଡଭିୟ କହିଛନ୍ । ଗଲାକାଏଲ୍ ନୂଆଦିଲ୍ଲୀ ନ ଫିଟ୍ ଇଣ୍ଡିଆ କାର୍ନିଭାଲ୍‌କେ ଉଦ୍‌ଘାଟନ୍ କରିକରି କେନ୍ଦ୍ରମନ୍ତ୍ରୀ କହିଛନ୍ ଯେ, ଗୁଟେ ସୁସ୍ଥ ସମାଜ୍ ଦେଶର୍ ବିକାଶ୍ ଆର୍ ପ୍ରଗତିକେ ସୁନିଶ୍ଚିତ୍ କର୍‌ସି । କାର୍ନିଭାଲ୍‌ଥି ଯୋଗ, ଏରୋବିକ୍ସ ଆର୍ ଜୁମ୍ବା ସାଧାରଣ ଲୁକ୍‌କୁ ସୁସ୍ଥ ଜୀବନ୍‌ଶୈଲୀ ବାବ୍‌ଦେ ଗୁଟେ ସକାରାତ୍ମକ୍ ବାର୍ତା ଦେବା । ଇ ଅବ୍‌ସରେ ଫିଟ୍ ଇଣ୍ଡିଆ ସାଇକଲ୍ ପଦକ୍ଷେପ୍‌ର ଲାଭ୍ ବାବ୍‌ଦେ ଗୁଟେ ପୁସ୍ତିକାକେ ଭିଲ୍ ଶ୍ରୀ ମାଣ୍ଡଭିୟ ଉନ୍ମୋଚନ୍ କରିଛନ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି        ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ୟୁନିଟ୍ ୫ ନ ଥିବା ମୁଖ୍ୟମନ୍ତ୍ରୀଙ୍କର୍  ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ନ ଆଏଜ୍ ଶୁଣାଣି ବନ୍ଦ ରହେବା । ବିଧାନ୍‌ସଭା ବଜେଟ୍ ଅଧିବେଶନ୍ ଚାଲିଥିବାର୍‌ନୁ ଶୁଣାଣି ବନ୍ଦ୍ ରହେବା ଆଉ ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆୟିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ରବି ଋତୁ ଧାନ୍ ଘିନା-ପଞ୍ଜିକରଣ୍          ଆର୍‌ଏନ୍‌ୟୁ/
ସମ୍ବଲପୁର

ରାଏଜେ ଆଏବା ରବି ଋତୁ ଧାନ୍ ଘିନା ଲାଗି ଚାଷୀ ପଞ୍ଜିକରଣ୍ ପ୍ରକ୍ରିୟା ଚାଲୁଛେ । ଇଥିର୍‌ଲାଗି ଚାଷୀମାନେ ପ୍ରାଥମିକ କୃଷି ସମବାୟ ସମିତି- ପେକ୍ସ, ଲେମ୍ପ୍ସ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଆର୍ ପାଣିପଂଚାୟତ୍ ମାନ୍‌କେ ଆଗୁଆ ପଞ୍ଜିକରଣ୍ କରିପାର୍‌ବେ । ଗଲାବଛର୍ ରବିଋତୁ ଲାଗି ପଞ୍ଜିକୃତ ହେଇଥିବା ଚାଷୀମାନ୍‌କୁ ଇ ବଛର୍ ଲାଗି ଫେର୍‌ଘାଏ ପଞ୍ଜିକରଣ୍ କର୍‌ବାର୍ ଲାଗି ପଡ଼୍‌ବା । ପଞ୍ଜିକରଣ୍ ଫର୍ମ ସମିତିମାନ୍‌କେ ଆଏବା ବୁଧବାର୍‌ତକ୍ ମିଲ୍‌ବା । ଆଏବା ୩୧ ତାରିଖ୍ ଭିତ୍‌ରେ ପଞ୍ଜିକରଣ୍ ଆର୍ ନବୀକରଣ୍ ଫର୍ମ ଚାଷୀମାନେ ସମିତି

କାର୍ଯ୍ୟାଲୟନୁ ଦାଖଲ୍ କରିପାର୍‌ବେ । ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଇ ବାବ୍‌ଦେ ଅଏତ୍‌କା ସୂଚ୍‌ନା ଲାଗି ଗୁଟେ ହେଲ୍ପ ଲାଇନ୍ ନମ୍ବର୍ ୧୯୬୭ କେ ଜାରି କରାଯାଇଛେ । ରବି ଋତୁ ଲାଗି ଧାନ୍ ଘିନା ଆଏବା ମେ ୧ ତାରିଖ୍‌ନୁ ମୁଲ୍ ହେଇକରି ଜୁନ୍ ୩୦ ତାରିଖ୍‌ତକ୍ ଚାଲ୍‌ବା ବଲି ସର୍‌କାର୍‌ଙ୍କର୍ ତର୍‌ଫୁ କୁହାଯାଇଛେ ।

ମଡ଼ର୍ଣ୍ଣ ଆର୍ଟ ଗେଲେରୀ-ପର୍ଯ୍ୟଟନ୍ ମନ୍ତ୍ରୀ ହି.ସ.

କେନ୍ଦ୍ର ସଂସ୍କୃତି ଆଉ ପର୍ଯ୍ୟଟନ୍ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାଓ୍ୱତ୍ ଭୁବ୍‌ନେଶ୍ୱର୍ ଠାନେ ଜାତୀୟ ସ୍ତର୍‌ଥି ମଡ଼ର୍ଣ୍ଣ ଆର୍ଟ ଗେଲେରୀ ଥାପ୍‌ନା ପ୍ରସ୍ତାବ୍‌କେ ସହମତି ଦେଇଛନ୍ । ରାଜ୍‌ଧାନୀ ଭୁବ୍‌ନେଶ୍ୱର୍ ନ ମଡ଼ର୍ଣ୍ଣ ଆର୍ଟ ଗଲେରୀର ଗୁଟେ ଶାଖା ଥାପ୍‌ନା କରାଗଲେ ଖୋବ୍ ସଂଖ୍ୟାଥି ପର୍ଯ୍ୟଟକ୍‌ମାନ୍‌କୁ ଆକୃଷ୍ଟ କରାଯାଇପାର୍‌ବା ବଲି ଭୁବ୍‌ନେଶ୍ୱର୍ ସାଂସଦ୍ ଅପରାଜିତା ଷଡ଼ଙ୍ଗୀ କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରସ୍ତାବ୍ ଦେଇଥିଲେ । ଇ କେନ୍ଦ୍ର ଥାପ୍‌ନା ହେବାର୍‌ନୁ ରାଜ୍ୟର୍ ବହୁତ୍‌ଟେ ନାଁକରା କଲାକାର୍‌ମାନ୍‌କର୍ କାରିଗରି ଠାନ୍ ପାଏବାର୍ ସହେତେ ଆଏବା ପିଢ଼ିଙ୍କୁ ରାଜ୍ୟର୍ ସଂସ୍କୃତି ଆର୍ ପୁର୍‌ନା ଐତିହ୍ୟ ବାବ୍‌ଦେ ଶିଖାଯାଇପାର୍‌ବା ବଲି ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ ।

ପ୍ରସାର୍ ଭାରତୀ- ପୁରସ୍କୃତ    ଆର୍‌ଏନ୍‌ୟୁ/ ସମ୍ବଲପୁର

ହକିକେ ଲୋକପ୍ରିୟ ଆର୍ ପ୍ରଚାର୍ ପ୍ରସାର୍ କର୍‌ବାର୍ ଦିଗେ ପ୍ରସାର୍ ଭାରତୀର ଉଲ୍ଲେଖନୀୟ ଅବଦାନ୍ ଲାଗି ହକି ଇଣ୍ଡିଆ ତର୍‌ଫୁ ପ୍ରସାର୍ ଭାରତୀକେ ୨୦୨୪ ବଛର୍ ଲାଗି ଜମନ୍‌ଲାଲ୍ ଶର୍ମା ପୁରସ୍କାର୍ ଦିଆଯାଇଛେ । ଭାରତୀୟ ହକିର ଶହେ ବଛର୍ ପୂର୍ତି ଅବ୍‌ସରେ ଆଉ ୧୯୭୫ କ୍ୱାଲାଲାମ୍‌ପୁର୍ ବିଶ୍ୱକପ୍ ବିଜୟର ସ୍ମୃତି ସ୍ୱରୂପ୍ ୭ ନମ୍ବର୍ ହକି ଇଣ୍ଡିଆ ବାର୍ଷିକ୍ ପୁରସ୍କାର୍ ଦିଆଯାଇଛେ । କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କରିଣ୍ ରିଜିଜୁ ଆଉ ହକି ଇଣ୍ଡିଆ ସଭାପତି ଦିଲ୍ଲୀପ୍ ତିର୍କି ପ୍ରମୁଖ ଇ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଥିଲେ ।

ଜିଲ୍ଲାସ୍ତରୀୟ ପାଲା ସମ୍ମିଳନୀ ଉଦ୍‌ଯାପିତ/ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଗଡ଼ରାମୁଣ୍ଡା ଗାଁ ନ ୨ ଦିନ୍ ଧରିକରି ଚାଲିଥିବା ଜିଲ୍ଲାସ୍ତରୀୟ ପାଲା ସମ୍ମିଳନୀ ଉଦ୍‌ଯାପିତ୍ ହେଇଯାଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପାଲା ପରିବେଷଣ୍ ଲୋକକଳାର ଚିରନ୍ତନ୍

ସତ୍ୟ ଆର୍ ସାଂସ୍କୃତିକ୍ ଜାଗରଣ୍ ବଲି କହିଛନ୍ । ଇ ଅବ୍‌ସରେ ଚିପିଲିମାର୍ ରାଧେଶ୍ୟାମ୍ ପଣ୍ଡାଙ୍କୁ ପଶ୍ଚିମ ଓଡ଼ିଶା ପାଲା ସମ୍ରାଟ୍ ଉପାଧିରୁ ସମ୍ମାନିତ୍ କରାଯାଇଛେ ।

ଉପମୁଖ୍ୟମନ୍ତ୍ରୀ -ପାଟ୍‌ନାଗଡ        ବଲାଙ୍ଗିର୍ ସମ୍ବାଦଦାତା

ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଗଲାକାଏଲ୍ ପାଟ୍‌ନାଗଡ଼୍ ନ ଭିନ୍ ଭିନ୍ ଉନ୍ନୟନ୍‌ମୂଲକ୍ ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ । ସହରର୍ କୁସୁମ୍‌କାନି ନ ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍ ତର୍‌ଫୁ ହେବାର୍‌କେ ଥିବାର୍ ଗୁଟେ ମଲ୍ଟି ପର୍‌ପଜ୍ ହଲ୍‌ର ଥାପ୍‌ନା କରିଛନ୍ । ତାର୍ ଉତ୍‌ରୁ ଉପମୁଖ୍ୟମନ୍ତ୍ରୀ ପାଟ୍‌ନାଗଡ଼୍ ନିର୍ବାଚନ୍ ମଣ୍ଡଲୀର୍ ପାଟ୍‌ନାଗଡ଼୍ ଆର୍ ଖପ୍ରାଖୋଲ୍ ବ୍ଲକ୍‌କେ ଜୁଡୁଥିବାର୍ ରାସ୍ତାକେ ବର୍‌ପଦର୍ ଠାନେ ପୂର୍ତ୍ତ ବିଭାଗ୍ ତର୍‌ଫୁ ତିଆର୍ ହେବାର୍‌କେ ଥିବାର୍ ୧୩ କିଲୋମିଟର୍ ରାସ୍ତାର୍ ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ । ଜଲ୍‌ଦି ଇ ସବୁ କାମ୍ ମାନ୍‌କୁ ସାର୍‌ବାର୍ ଲାଗି ଉପମୁଖ୍ୟମନ୍ତ୍ରୀ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ କେତେଟା ଜିଲ୍ଲା ନ ଆଏବା ୩ ଦିନ୍‌ତକ୍ ଜବର୍ ଖରା ଲାଗି ରହେବା । ସେନ୍ତା ଝାର୍‌ସୁଗୁଡ଼ା, ସମ୍ବଲ୍‌ପୁର୍, କଲାହାଣ୍ଡି, ସୁବର୍ଣ୍ଣପୁର୍ ଆର୍ ବୌଦ୍ଧ ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଜବର୍ ଖରାକେ ନେଇକରି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଗଲାକାଏଲ୍ ବୌଦ୍ଧ ନ ରାଜ୍ୟର୍ ସବୁନୁ ଜହ ତାତି ୪୩ ଦଶ୍‌ମିକ୍ ୬ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ସେନ୍ତା ୭ ଟା ସହରର୍ ତାପମାତ୍ରା ୪୦ ଡିଗ୍ରୀ ଉପ୍‌ରେ ରହିଥିଲା ।